

# ବାଇବିଡ଼ଙ୍ଗ

ଦକ୍ଷିଣଭାରତ ମଧ୍ୟଭାରତ, ମେଘାଳୟ ଓ ଉ  ର ପୂର୍ବ ଭାରତର ପାର୍ବତ୍ୟ ଅ  ଳର ସମୁଦ୍ର ପ  ନଠାରୁ ୪୦୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବାଇବିଡ଼ଙ୍ଗ ଗଛ ଦେଖାଯାଇଥାଏ । ମୁଖ୍ୟତଃ ଅରୁଣାଚଳପ୍ରଦେଶ, ଆସାମ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ଆଦି ରାଜ୍ୟରେ ଏହି ଗୁଳ୍ମ ପ୍ରଚୁର ପରିମାଣରେ ଦେଖାଯାଇଥାଏ । ମିଆଁମାର, ଶ୍ରୀଲଙ୍କା, ସିଙ୍ଗାପୁର, ମାଲୟେସିଆ ଓ ଚୀନ ଦେଶର ଦକ୍ଷିଣ ଭାଗରେ ମଧ୍ୟ ଏହି ବାଇବିଡଙ୍ଗ ଗୁଳ୍ମ ପ୍ରଚୁର ପରିମାଣରେ ଦେଖାଯାଇଥାଏ । ବାଇବିଡଙ୍ଗକୁ ସଂସ୍କୃତ ଭାଷାରେ କୃମିହାର ବା କୃମିରିପୁ କୁହାଯାଏ । ଏହି ନାମାନୁସାରେ କୃମିରୋଗ ଦମନ ନିମନ୍ତେ ବାଇବିଡଙ୍ଗ କାର୍ଯ୍ୟରେ ଆସିଥାଏ । ଏହାଛଡ଼ା ଗର୍ଭନିରୋଧକ ଏବଂ ଜୈବିକ କୀଟନାଶକଭାବେ ଏହାର ପ୍ରୟୋଗ ଉପକାରୀ ହେଉଥିବା ହେତୁ ବୃକ୍ଷର ଚ଼ାଷ ଲାଭକାରକ ହୋଇଥାଏ । ଏହାର ଉପକାରୀ ଗୁଣ ହେତୁ ଦିଲ୍ଲୀ ବଜାରରେ ଏହି ବାଇବିଡଙ୍ଗ ମଞ୍ଜି ପ୍ରତିବର୍ଷ ୧୦ ଟନରୁ ଅଧିକ ମାତ୍ରାରେ ବିକ୍ରି ହୋଇଥାଏ । ଏଣୁ ଏହି ଗଛକୁ ଫାଉଣ୍ଡେସନ୍ ଫର୍ ରିଭାଇଟାଲାଇଜେସନ୍ ଅଫ୍ ଲୋକାଲ ହେଲ୍‌ଥ ଟ୍ରାଡିସନ୍‌ସ ପକ୍ଷରୁ ୨୦ଟି ପ୍ରମୁଖ ଭାରତୀୟ ବନୌଷଧି ମଧ୍ୟରୁ ଅନ୍ୟତମ ବୋଲି ଗବେଷଣା ଦ୍ୱାରା ପ୍ରମାଣିତ କରାଯାଇଛି । ସେ  ର ଫର୍ ରିସର୍ଚ୍ଚ ଆଣ୍ଡ ପ୍ଲାନିଙ୍ଗ୍,ନୂଆଦିଲ୍ଲୀ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଦେଶରେ ପ୍ରତିବର୍ଷ ହାରାହାରୀ ୪୦୦ ଟନ୍ ବାଇବିଡଙ୍ଗ ମଞ୍ଜିର କାରବାର ହେଉଛି ।

| ବିଭିନ୍ନ ଭାଷାରେ ନାମ | | |
|---|---|---|
| ସଂସ୍କୃତ | : | ବିଡଙ୍ଗ, ଜନ୍ତୁଘ୍ନ, କୃମିଘ୍ନ, କୃମିହାର, କୃମିରିପୁ |
| ହିନ୍ଦୀ | : | ବାୟବିଡଙ୍ଗ, ବିଡିଙ୍ଗ ଭାଭିରଙ୍ଗ |
| ବଙ୍ଗାଳୀ | : | ବିଡଙ୍ଗ୍ |
| ପଞ୍ଜାବୀ | : | ବାବାଡିଙ୍ଗ, ବାବରଙ୍ଗ୍ ବାବାରିଗ୍ |
| ଆସାମୀ | : | ବିଡଙ୍ଗ୍ |
| ମରାଠୀ | : | ବାବଡିଙ୍ଗ୍ |
| ତାମିଲ | : | ବାୟୁବିଳଂଗମୁ କଟ୍‌ଟୁକିଡି |
| ଗୁଜୁରାଟି | : | ବାବ୍‌ହିଗ |
| ତେଲଗୁ | : | ବାୟୁବିଳଂଗ, ବେଲାଲ |
| ମାଲୟାଲାମ | : | ବିଟ୍ଲ, ବିଟ୍ୱାଲାରୀ |

ବାଇବିଡ଼ଙ୍ଗର ବୈଜ୍ଞାନିକ ନାମ ହେଲା ଏମ୍ବଲିଆ ରାଇବସ୍ । ଏହା ମାଇର୍‌ସିନେସି ପରିବାରର ଅନ୍ତର୍ଭୁକ୍ତ ।

## ପ୍ରଜାତି

ଆମ ଦେଶରେ ବାଇବିଡଙ୍ଗର ବିଭିନ୍ନ ପ୍ରଜାତି ଉପଲବ୍ଧ ହୁଏ, ତନ୍ମଧ୍ୟରୁ ଏମ୍ବଲିଆ ରାଇବସ୍ ବା ଏମ୍ବଲିଆ ଜେରିୟମ୍ କୋଟସ୍, ଏମ୍ବଲିଆ ଏକ୍ୟୁଟିପେଟେଲମ୍, ଏମ୍ବଲିଆ ରେବୁଷ୍ଟ ଏବଂ ଏମ୍ବଲିଆ ବାସଲ ଆଦି ପ୍ରଜାତି ମଧ୍ୟ ଭାରତବର୍ଷରେ ଦେଖିବାକୁ ମିଳିଥାଏ । ଏହି ପ୍ରଜାତିଗୁଡ଼ିକ ଛଡ଼ା ମେରେସିଡ୍ ଆଫ୍ରିକାନାର ଫଳକୁ ମଧ୍ୟ ବାଇବିଡଙ୍ଗ ଭାବେ ବଜାରରେ ବିକ୍ରି କରାଯାଏ, କିନ୍ତୁ ଏହି ଫଳକୁ ଗୁଣମାନ ଦୃଷ୍ଟିରୁ ବାଇବିଡଙ୍ଗଭାବେ ମାନ୍ୟତା ଦିଆଯାଏନାହିଁ ।

## ପ୍ରଜାତିର ପ୍ରକାରଭେଦ

ଏମ୍ବଲିଆ ରାଇବସ୍ ଏକ ଲତା ଜାତୀୟ ଉଦ୍ଭିଦ ଅଟେ । ଏହା ମଧ୍ୟମ ଉଚ୍ଚତା ବିଶିଷ୍ଟ । ଏହାର ଫୁଲଗୁଡ଼ିକ ଧଳା କିମ୍ବା ଇଷତ୍ ହଳଦିଆ ରଙ୍ଗର । ଗଛ ଡାଳର ଅଗ୍ରଭାଗରେ କଳାରଙ୍ଗର ଗୋଲ ଗୋଲ ଫଳ ପେନ୍ଥା ପେନ୍ଥା ହୋଇ ରହିଥାଏ । ଏହି ଫଳର ସ୍ୱାଦ କଷା ଓ ସୁଗନ୍ଧଯୁକ୍ତ ହୋଇଥାଏ ।



ଏମ୍ବଲିଆ ଜେରିୟମକୋଟସ ଏକ ଛୋଟ ବୁଦାଜାତୀୟ ଗଛ । ଏହି ଗଛ ଜଙ୍ଗଲ ଓ ଘରୋଇ ଜମିରେ ମଧ୍ୟ ଦେଖାଯାଇଥାଏ । କଅଁଳ ଡାଳଗୁଡ଼ିକରେ ବାଦାମୀ ରଙ୍ଗର ଛୋଟ ଛୋଟ ଲୋମ ମହଜୁଦ ଥାଏ । ଏହାର ଫଳଗୁଡ଼ିକ ପ୍ରଥମ ଅବସ୍ଥାରେ ଲାଲ ରଙ୍ଗର ହୋଇଥାଏ, ଏହି ଫଳଗୁଡ଼ିକ ପାଚିଲା ପରେ କଳା ରଙ୍ଗର ହୋଇଥାଏ । ଡାଳର ମଝିରେ ଏହି ଫଳ ପେନ୍ଥା ପେନ୍ଥା ହୋଇଥାଏ । ଏହି ଫଳଗୁଡ଼ିକ ତେଲଯୁକ୍ତ ଓ କଟୁ ସ୍ୱାଦଯୁକ୍ତ ହୋଇଥାଏ । ଏହାର ପତ୍ରଗୁଡ଼ିକ ହାରାହାରି ୧୨ ସେ ିମିଟର ଲମ୍ବା ହୋଇଥାଏ । ପତ୍ରଗୁଡ଼ିକ ଉଭୟ ମୂଳ ଓ ଅଗ୍ରଭାଗ ଆଡକୁ ସରୁ ହୋଇଥାଏ । ପତ୍ରର ଧାରଗୁଡ଼ିକ ବେଳେବେଳେ ସାଧାରଣ ହୋଇଥିବାବେଳେ ବେଳେବେଳେ ଏହା ଦନ୍ତୁରିତ ହୋଇଥାଏ । ଏହାର ମଞ୍ଜିର ଖୋଳପାରେ ତୈଳ ଅଂଶ ମହଜୁଦ ଥାଏ । ଫୁଲଗୁଡ଼ିକ ଛୋଟ ଛୋଟ, ଇଷତ୍ ସବୁଜ ରଙ୍ଗର ।

ଏଣୁ ଯଦିଓ ବାଇବିଡଙ୍ଗର ବିଭିନ୍ନ ପ୍ରଜାତି ଅଛି, କିନ୍ତୁ ଉପରୋକ୍ତ ଦୁଇ ପ୍ରଜାତି ଔଷଧୀୟ ଦୃଷ୍ଟିକୋଣରୁ ମହ ୍ୱପୂର୍ଣ୍ଣ ଅଟେ ।



## ରାସାୟନିକ ସଂରଚନା

ବାଇବିଡଙ୍ଗ ମଞ୍ଜିରେ ୨.୫ ରୁ ୩ ପ୍ରତିଶତ ପର୍ଯ୍ୟନ୍ତ ଏମ୍ବଲିୟନ ମହଜୁଦ ଥାଏ, ଏହାଛଡ଼ା କ୍ରିଷ୍ଟେମ୍ବିନ୍ ନାମକ କ୍ଷାର, ଏକ ପ୍ରତିଶତ କ୍ରସିଟାଲ ବେଞ୍ଜୋକ୍ୱିନିନୋଜ ବା ଏମ୍ବଲିକ ଅମ୍ଳ ମହଜୁଦ ଥାଏ ।

## ବ୍ୟବହାର

### ଔଷଧୀୟ ବ୍ୟବହାର

ବାଇବିଡଙ୍ଗ ମଞ୍ଜି ଓ ଚେ଼ରରେ ଔଷଧୀୟ ଗୁଣ ରହଛି । ବାଇବିଡଙ୍ଗ ମଞ୍ଜିର କୃମିନାଶକାରୀ ଗୁଣ ପ୍ରଚୁର ପରିମାଣରେ ମହଜୁଦଥିବାର ଗବେଷଣାରୁ ଜଣାପଡ଼ିଛି । ଏଥିରେ ଗୋଲକୃମି ଓ ଫିତାକୃମି ଉଭୟଙ୍କୁ ପ୍ରତିହତ କରାଯାଇପାରେ, ଏହା କୃମିନାଶକ ହେବା ସହିତ କୃମି ଜନିତ ବିଭିନ୍ନ ରୋଗର ଉପଚ଼ାର ନିମନ୍ତେ ମଧ୍ୟ କାର୍ଯ୍ୟ କରିଥାଏ । ଏଣୁ ବ ର୍ମାନ କୃମି ରୋଗନାଶ ନିମନ୍ତେ ବାଇବିଡ଼ଙ୍ଗମଞ୍ଜିକୁ ବ୍ୟବହାର କରି ବିଭିନ୍ନ ପ୍ରକାର ଔଷଧ ପ୍ରସ୍ତୁତ କରାଯାଉଅଛି । ଏକ ପୁରାତନ ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ୧୦ ଗ୍ରାମ ବାଇବିଡଙ୍ଗ ଚୂର୍ଣ୍ଣ ଖାଲି ପେଟରେ ଖାଇଲେ କୃମି ପେଟରେ ମରି ବାହାରକୁ ବାହାରି ଆସନ୍ତି ।

ବାଇବିଡଙ୍ଗ ମଞ୍ଜିରେ ଗର୍ଭନିରୋଧକ ଗୁଣ ମହଜୁଦ ରହିଛି । ବିଜ୍ଞାନଗାରରେ ଗବେଷଣାରୁ ଏହା ଭବିଷ୍ୟତରେ ଏକ ପ୍ରଭାବଶାଳୀ ଗର୍ଭନିରୋଧକ ଔଷଧଭାବେ ବଜାରରେ ଉପଲବ୍ଧ ହେବାର ସମ୍ଭାବନା ଦେଖାଦେଇଛି । ପିପ୍ପଳୀ ସହିତ ବାଇବିଡ଼ଙ୍ଗ ମିଶାଇସେବନ କଲେ ଏହା ଏକ ପ୍ରଭାବାଶାଳୀ ଗର୍ଭନିରୋଧକଭାବେ କାର୍ଯ୍ୟ କରିଥାଏ ବୋଲି ପୁରାତନ ବନୌଷଧି ବିଜ୍ଞାନରୁ ଜଣାଯାଇଛି ।

ବାଇବିଡ଼ଙ୍ଗ ଚେ଼ରକୁ ଗୁଣ୍ଡ କରି ଦାନ୍ତରେ ଲଗାଇଲେ ଦାନ୍ତ ଦରଜ ଦୂର ହୋଇଥାଏ । ଏହାଛଡ଼ା ମସ୍ତିଷ୍କ ବିକୃତି ଏବଂ ନାଡି ଦ୍ରୌବଲ୍ୟ ଜନିତ ରୋଗ, ମୁର୍ଚ୍ଛାରୋଗ, ପକ୍ଷାଘାତ ଆଦି ରୋଗରେ ରସୁଣ ସହ ରାନ୍ଧି ବ୍ୟବହାର କଲେ ସୁଫଳ ମିଳିଥାଏ । ବିଭିନ୍ନ ପ୍ରକାର ଚର୍ମରୋଗ ଏପରିକି କୁଷ୍ଠରୋଗର ଉପଚ଼ାରରେ ମଧ୍ୟ ବାଇବିଡଙ୍ଗ କାର୍ଯ୍ୟରେ ଲାଗିଥାଏ ।

ହରିଦ୍ୱାରସ୍ଥିତ ଶାନ୍ତିକୁଞ୍ଜ ଦ୍ୱାରା ନିର୍ମିତ ଏକ ଫର୍ମୁଲା ଅନୁସାରେ ବାଇବିଡ଼ଙ୍ଗ ଓ ଯଷ୍ଟିମଧୁର ଚୂର୍ଣ୍ଣ ସମାନ ଭାବରେ ମହୁ ସହିତ ଖାଇବାକୁ ହୁଏ । ସକାଳେ ଓ ସଂଧ୍ୟା ସମୟରେ ଚ଼ାରି ତୋଳା କରି ଚୂର୍ଣ୍ଣ ଏକ ମାସ ଧରି ଖାଇବାକୁ ହୋଇଥାଏ । ଏହି ସମୟରେ କେବଳ ଚ଼ାଉଳ, ଘିଅ,ମୁଗ ଓ ଅଁଳାରେ ପ୍ରସ୍ତୁତ ଖାଦ୍ୟ ସେବନ କରିବାକୁ ହୋଇଥାଏ । ଏହି ନିୟମରେ ରହିଲେ ଅର୍ଶ ରୋଗରେ



ସୁଫଳ ମିଳିଥାଏ,କୃମିନାଶ ହୁଅନ୍ତି ଏବଂ ସ୍ମରଣଶକ୍ତି ବୃଦ୍ଧି ହୋଇଥାଏ । ଏହି ପ୍ରୟୋଗ ଏକ ମାସ କଲେ ଆୟୁଷ ବୃଦ୍ଧି ହୋଇଥାଏ ବୋଲି ଏହି ସଂସ୍ଥାଦ୍ୱାରା ଦାବି କରାଯାଇଅଛି । ଏହାଛଡ଼ା ବାଇବିଡଙ୍ଗ ସର୍ପବିଷର ଉପଚ୍ଚର, ଅରୁଚି ତଥା ଜ୍ୱର, ଅଧକପାଳି ବିନ୍ଧା ନିମନ୍ତେ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି । ଅଗ୍ନିମାନ୍ଦ୍ୟ, ଶ୍ୱାସ ଏବଂ ରକ୍ତଶୋଧନ ରୋଗ ଆଦିର ଉପଚାର ପାଇଁ ମଧ ବାଇବିଡ଼ଙ୍ଗ ବ୍ୟବହୃତ ହୋଇଥାଏ ।

ବାଇବିଡ଼ଙ୍ଗରୁ କେତେକ ଆୟୁର୍ବେଦ ଔଷଧ ପ୍ରସ୍ତୁତ ହୋଇଥାଏ । ଏଗୁଡ଼ିକ ମଧରେ  ବିଡ଼ଙ୍ଗ ଆଦିଚୂର୍ଣ୍ଣ, ବିଡ଼ିଙ୍ଗରିଷ୍ଟ, ବିଡ଼ଙ୍ଗଲୌହ, ବିଡ଼ଙ୍ଗତୈଳ ଆଦି ଅନ୍ୟତମ । ଏହାଛଡ଼ା ଡାଇଆରେକ୍ସ ଟାବ୍‌ଲେଟ୍, ଗ୍ୟାସେସ୍ ଟାବ୍‌ଲେଟ୍ ଆଦି ପ୍ରସ୍ତୁତିରେ ମଧ ବାଇବିଡ଼ଙ୍ଗ ବ୍ୟବହୃତ ହୋଇଥାଏ ।

**ଅନ୍ୟାନ୍ୟ ବ୍ୟବହାର**

ବାଇବିଡ଼ଙ୍ଗରେ ମହଜୁଦ ଥିବା "ଏମ୍ବେଲିନ୍" ରେଶମ ତଥା ଅନ୍ୟ କପଡାକୁ ରଙ୍ଗାଇବା ନିମନ୍ତେ ବ୍ୟବହୃତ ହୋଇଥାଏ । ବିଭିନ୍ନ ଫସଲକୁ କୀଟଦାଉରୁ ରକ୍ଷା କରିବା ନିମନ୍ତେ ବାଇବିଡଙ୍ଗ ମଞ୍ଜିର ବ୍ୟବହାର କରାଯାଇଥାଏ । କୀଟନାଶକ ପ୍ରଭାବ ଯୋଗୁଁ କୃଷିକ୍ଷେତ୍ରରେ ଜୈବିକ କୀଟନାଶକ ଭାବେ ଏହାର ବହୁଳ ବ୍ୟବହାର ଭବିଷ୍ୟତରେ କରାଯାଇପାରିବ ବୋଲି ସମ୍ଭାବନା ଦେଖାଯାଇଛି । ଏହିସବୁ ବିଷୟକୁ ଆଖି ଆଗରେ ରଖି ଏହି ବୃକ୍ଷର ସଘନ ଚ୍ଚଷ ହେବା ଉପରେ ଗୁରୁତ୍ୱରୋପ କରାଗଲାଣି ।

**ଚ୍ଚଷ**

**ଜଳବାୟୁ**

ଏହି ଗଛ ବଢ଼ିବା ନିମନ୍ତେ ଉଭୟ ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଆବଶ୍ୟକ କରିଥାଏ । ଏହା ଆର୍ଦ୍ରମାଟି ଓ ସାମୟିକଭାବେ ଛାଇ ହେଉଥିବା ଅ  ଳରେ ଭଲ ବଢ଼େ । ବିଭିନ୍ନ ଜଳବାୟୁରେ ଏହା ବଢ଼ିପାରେ । ସମୁଦ୍ର ପ  ନଠାରୁ ୯୦୦ ରୁ ୧୭୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଏହି ଗଛ ଭଲ ବଢ଼ିଥାଏ । ଏଥି ନିମନ୍ତେ ୨୫ ରୁ ୩୦ ଡିଗ୍ରୀ ସେ ିଗ୍ରେଡ଼ ଉ  ।ପ ଆବଶ୍ୟକତା ହୋଇଥାଏ । ୫୦ରୁ ୧୫୦ ସେ ିମିଟର ବୃଷ୍ଟିପାତ ହେଉଥିବା ଅ  ଳ ଏହାର ଚ୍ଚଷ ନିମନ୍ତେ ଉପଯୋଗୀ ଅଟେ ।

## ମାଟି

ବାଇବିଡ଼ଙ୍ଗ ସବୁ ପ୍ରକାର ମାଟିରେ ଭଲ ବଢ଼ିପାରେ । ଏହା କୃଷ୍ଣ କାର୍ପାସ ମୃତ୍ତିକାଠାରୁ ଆରମ୍ଭ କରି ବାଲିଆ ଓ ପଥୁରିଆ ଜମିରେ ମଧ୍ୟ ବଢ଼ିଥାଏ । ଆର୍ଦ୍ରମାଟି ଓ ଜୀବାଶ୍ମଥିବା ଜମି ଏହି ଚାଷ ନିମନ୍ତେ ଅନୁକୂଳ । ଏଣୁ ଖାଲୁଆ ଜମି ଯେଉଁଥିରୁ ଉଦ୍‌ବୃତ୍ତ ଜଳ ବାହାରି ପାରିବାର ବ୍ୟବସ୍ଥାଥିବ ଏହି ଚାଷ ନିମନ୍ତେ ଉପଯୋଗୀ ଅଟେ । କମ୍ ଅମ୍ଳଅଂଶଥିବା ଜମିରେ ଏହା ଭଲ ଉଧେଇ ପାରୁଥିବାବେଳେ ଅମ୍ଳଅଂଶ ଥିବା ଜମିରେ ମଧ୍ୟ ଏହା ଲଗାଯାଇପାରେ ।

## ରୋପଣ

ବାଇବିଡ଼ଙ୍ଗ କଲମି ସାହାଯ୍ୟରେ ଓ ମଞ୍ଜିଦ୍ୱାରା ମଧ୍ୟ ବଂଶବୃଦ୍ଧି ହୋଇଥାଏ । କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାକୁ ମଞ୍ଜି ସାହାଯ୍ୟରେ ଗଛ ଉତାରିବା ଆବଶ୍ୟକ । ଫଳରେ ଅଧିକ ଅମଳ ମିଳିଥାଏ । ପୂର୍ଣ୍ଣ ବିକଶିତ ପାଚିଲା ଫଳକୁ ତଳି ପକାଇବାକୁ ହୋଇଥାଏ ।

## ଚାଷସମୟ

ମେ ଓ ଜୁନ୍ ମାସରେ ତଳି କିଆରୀ ସବୁ ପ୍ରସ୍ତୁତ କରାଯାଇଥାଏ । ମୌସୁମୀ ବର୍ଷା ପୂର୍ବରୁ ଏହି ଚାଷ ଆରମ୍ଭ କରିବା ନିମନ୍ତେ ଉପଯୁକ୍ତ ସମୟ ।

## ଚାଷ



ଜମିକୁ ପ୍ରଥମ ପର୍ଯ୍ୟାୟରେ ଦୁଇ ତିନି ଓଡ଼ ଭଲ ଭାବରେ ଚାଷ କରାଯିବା ଆବଶ୍ୟକ । ଏହାପରେ ମାଟିରେ ଗୋବର ଖତ ଭଲ ଭାବରେ ମିଶାଇ ଦେବା ଉଚିତ୍ । ଅନାବନା ଘାସ ଗଛ ବାଛି ସାରିବା ପରେ ଜମିରେ ମଇ ଦେଇ ଦିଆଯିବା ଆବଶ୍ୟକ । ଏହାପରେ ଗଛ ଲଗାଇବା ପାଇଁ ଜମିରେ ୩୦ ସେଣ୍ଟିମିଟର ଲମ୍ବ ଓ ୩୦ ସେଣ୍ଟିମିଟର ଚଉଡ଼ା ଓ ୩୦ ସେଣ୍ଟିମିଟର ଗଭୀର ଗାତ ପ୍ରସ୍ତୁତ କରବିାକୁ ହୋଇଥାଏ । ଗଛରୁ ଗଛ ମଧ୍ୟରେ ଦୂରତା ୬୦ ସେଣ୍ଟିମିଟର ରଖିବାକୁ ପଡୁଥିବା ବେଳେ ଧାଡ଼ିରୁ ଧାଡ଼ି ମଧ୍ୟ ୬୦ ସେଣ୍ଟିମିଟର ଦୂରତା ରଖିବାକୁ ହୋଇଥାଏ । ଏହାପରେ ପ୍ରତ୍ୟେକ ଗାତରେ ୧୦ କିଲୋଗ୍ରାମ୍ ଗୋବର ଖତ ଦେବାକୁ ହୋଇଥାଏ । ପୋକଜୋକ ଦାଉରୁ ଗଛକୁ ରକ୍ଷା ନିମନ୍ତେ ପ୍ରତ୍ୟେକ ଗାତରେ ୨୦୦ ଗ୍ରାମ୍ ନିମ୍ବ ପିଡ଼ିଆ ଦିଆଯାଏ ।

## ନର୍ସରୀ/ତଳିଘେରା ପ୍ରସ୍ତୁତି



ଜମିପ  ନଠାରୁ ଅନ୍ୟୁନ ନଅ ଇ   ଉଚ୍ଚତାରେ ଏହି ତଳି ଘେରା ବା ନର୍ସରୀ ପ୍ରସ୍ତୁତ କରାଯାଇଥାଏ । ତଳିଘେରା ଏଭଳି ଜାଗାରେ ହେବା ଆବଶ୍ୟକ ଯେପରି ସୂର୍ଯ୍ୟ କିରଣ ଏହା ଉପରେ ସିଧାସଳଖ ପଡୁନଥିବ । ଏକ ଏକର ଜମିରେ ଗୃଷ ନିମନ୍ତେ ୧୦୦ ବର୍ଗ ଫୁଟ ଜାଗା ତଳି ପକାଇବା ନିମନ୍ତେ ଆବଶ୍ୟକ ହୁଏ । ଏହି ତଳିଘେରାକୁ ବାଲି, ମାଟି ଓ କମ୍ପୋଷ୍ଟ ମିଶାଇ ତିଆରି କରାଯାଏ । ଏହାପରେ ମଞ୍ଜିକୁ ତଳି ଘେରା ଉପରେ ବି ୍ ଦିଆଯାଏ । ମଞ୍ଜି ବୁଣାଗଲା ପରେ ଏହା ଉପରେ ମାଟି ଏପରି ଭାବେ ଢ଼ଳାଇଦେବାକୁ ହୁଏ ଯେପରିକି ମଞ୍ଜି ଉପରେ ଦୁଇରୁ ତିନି ସେ ି ମିଟର ମାଟି ଘୋଡ଼େଇ ହୋଇ ରହିବ । ଏହାପରେ ଦୁଇ  ତିନି ଦିନ ଅଳ୍ପ ପାଣି ଏହା ଉପରେ ଛିଞ୍ଚିବାକୁ ହୋଇଥାଏ । ମଞ୍ଜିବୁଣିବାର ୬ ରୁ ୯ ଦିନ ମଧ୍ୟରେ ଅଙ୍କୁରୋଦ୍‌ଗମ ହୋଇଥାଏ । ଏହାପରେ ଗଛଗୁଡ଼ିକ ଜମିକୁ ସ୍ଥାନାନ୍ତରିତ ହେବା ପର୍ଯ୍ୟନ୍ତ ନିୟମିତ ପାଣି ଦେବାକୁ ହୋଇଥାଏ । ୫ ରୁ ୬ ମାସପରେ ଗୃରା ଗଛଗୁଡ଼ିକ ଟିକେ ବଡ଼ ହୋଇଗଲେ ଏହାକୁ ଉଠାଇ ଜମିରେ ଲଗାଇ ଦିଆଯାଏ । ଏକ ଏକର ଜମିରେ ଗୃଷ ନିମନ୍ତେ ୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ଏହି ମଞ୍ଜିରୁ ହାରାହାରୀ ୧୦୦୦୦ ଗଛ ହୋଇଥାଏ ।

## ଜଳସେଚନ

ଏହି ଗଛଟି ଆର୍ଦ୍ର ଜମିରେ ଭଲ ବଢ଼େ । ଏଣୁ ନିୟମିତ ବ୍ୟବଧାନରେ ଏହି ଗଛରେ ପାଣି ଦେବା ଆବଶ୍ୟକ । ପ୍ରତି ୧୫ ଦିନରେ ଥରେ ଜଳସେଚନ କଲେ ଗଛ ଭଲ ବଢ଼ିଥାଏ । କିନ୍ତୁ ବର୍ଷାଦିନେ ଜଳସେଚନ ଆବଶ୍ୟକ ହୁଏନାହିଁ । କାରଣ ଜମିରେ ପାଣି ଜମି ନରହିବା ନିତାନ୍ତ ଆବଶ୍ୟକ । ନିଗିଡ଼ା ଜମିରେ ଏହି ଫସଲ ଭଲ ହୋଇଥାଏ ।

## ଖତ

ଜମିର ମାଟିକୁ ଉର୍ବର କରିବା ନିମନ୍ତେ କମ୍ପୋଷ୍ଟ ଖତ ବା ଗୋବର ଖତ ପ୍ରୟୋଗ କରିବା ଆବଶ୍ୟକ ।



**ଘାସବଛା**

ଏହା ଏକ ବର୍ଷସାରା ବ ୍ରହୁଥିବା ଗଛ । ଏଣୁ ନିୟମିତ ଭାବରେ ଜମିରୁ ଘାସ ଓ ଅନାବନା ଗଛ ବଛାଯାଇ ସଫା ରଖିବା ଆବଶ୍ୟକ । ଗଛ ଛୋଟ ହୋଇଥିବା ବେଳେ ପ୍ରତି ୧୫ରୁ ୩୦ଦିନ ଅନ୍ତରରେ ଘାସ ବାଛିବା ଆବଶ୍ୟକ । ଗଛଗୁଡ଼ିକ ବଡ଼ ହୋଇଗଲା ପରେ ଘାସ ଓ ଅନାବନା ଗଛଗୁଡ଼ିକର ବୃଦ୍ଧି ଦେଖି ଏଗୁଡ଼ିକ ବାଛିବା ଜରୁରୀ । ଆବଶ୍ୟକ ହେଲେ ଗହଳିଆ ଗଛ ସବୁକୁ ଓପାଡ଼ି ପତଳା କରିଦେବାକୁ ହୋଇଥାଏ ।

**ରୋଗପୋକ**

ଏହି ଗଛକୁ ପ୍ରାୟତଃ କୌଣସି ରୋଗପୋକ ଆକ୍ରମଣ କରନ୍ତି ନାହିଁ ।

**ଅମଳ**

ମଞ୍ଜିବୁଣିବାର ଦୁଇବର୍ଷପରେ ଗଛରେ ଫୁଲ ଓ ଫଳ ଆସିବା ଆରମ୍ଭ ହୋଇଥାଏ । ଯଦିଓ ଦ୍ୱିତୀୟ ବର୍ଷଠାରୁ ଗଛରେ ଫଳ ଆସିବା ଆରମ୍ଭ ହୁଏ । କିନ୍ତୁ ବ୍ୟବସାୟିକ ଭି ିରେ ତୃତୀୟ ଓ ଚତୁର୍ଥ ବର୍ଷଠାରୁ ଫସଲ ଅମଳ କରାଯାଏ । ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ଗଛରେ ଫଳ ଧରିଥାଏ । କିନ୍ତୁ ଏହି ଫଳ ଡିସେମ୍ବର କିମ୍ବା ଜାନୁୟାରୀ ମାସରେ ପାଚିଥାଏ ଏବଂ ଅମଳଯୋଗ୍ୟ ହୋଇଥାଏ । ଏହି ଫଳକୁ ହାତରେ ତୋଳି ନିଆଯାଇଥାଏ । ଏହି ଗଛ ଦୀର୍ଘ ୨୦ରୁ ୨୫ ବର୍ଷ ପର୍ଯ୍ୟନ୍ତ ନିୟମିତ ଭାବରେ ଫଳ ଦେଇଥାଏ ।

**ସଂଗ୍ରହ**

ସଂଗୃହୀତ ଫଳସବୁକୁ ଯତ୍ନ ସହକାରେ ଛାଇରେ ବା ସାମାନ୍ୟ ଖରାରେ ଶୁଖାଇ ଦିଆଯାଇଥାଏ । ଯଦ୍ୱାରାକି ଏଥିରେ ଫିମ୍ପିମାରି ନପାରିବ ।

**ସଂରକ୍ଷଣ**

ଏହି ଫଳଗୁଡ଼ିକୁ ସଫା ଏବଂ ଛିଦ୍ରଯୁକ୍ତ ବସ୍ତାରେ ପ୍ୟାକିଂ କରି ରଖାଯିବା ଆବଶ୍ୟକ ଯାହାଦ୍ୱାରା କି ଏହା ବହୁଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ ।

**ଅନ୍ତଃଫସଲ**

ବାଇବିଡଙ୍ଗ ଚାଷର ମଝି ଖାଲି ସ୍ଥାନରେ ଅନ୍ୟ ଅନ୍ତଃଫସଲ ଚାଷ କରାଯାଇପାରେ । ଗହମ, ଚଣା ଓ ସୋରିଷ ଆଦି ଫସଲ ଏବଂ ସଫେଦ ମୁଷଲୀ, ଅଶ୍ୱଗନ୍ଧା, କାଳମେଘ, ସର୍ପଗନ୍ଧା ଭଳି ଔଷଧୀୟ ଚାଷ ମଧ୍ୟ କରାଯାଇପାରେ । ଏହାଦ୍ୱାରା ଗୋଟି, ଜମିରୁ ଅତିରିକ୍ତ ଆୟ ମିଳିବା ସହିତ ଜମିର ସଦୁପଯୋଗ ମଧ୍ୟ ହୋଇପାରେ ।

**ବ୍ୟୟ**

| ପ୍ରଥମ ବର୍ଷ | | | ଦ୍ୱିତୀୟ ବର୍ଷ | | |
|---|---|---|---|---|---|
| ଜମିପ୍ରସ୍ତୁତି | - | ଟ ୮୦୦.୦୦ | ଜଳସେଚନ | - | ଟ ୬୦୦.୦୦ |
| ଚାରାପ୍ରସ୍ତୁତି | - | ଟ ୧୦୦୦.୦୦ | ଖତ | - | ଟ ୬୦୦.୦୦ |
| ମଞ୍ଜି | - | ଟ ୩୦୦.୦୦ | ଘାସବଛା | - | ଟ ୫୦୦.୦୦ |
| ଜଳସେଚନ | - | ଟ ୮୦୦.୦୦ | ଅମଳ | - | ଟ ୧୨୦୦.୦୦ |
| ଚାରାରୋପଣ | - | ଟ ୫୦୦.୦୦ | ଅନ୍ୟାନ୍ୟ ଖର୍ଚ୍ଚ | - | ଟ ୫୦୦.୦୦ |
| ଖତ | - | ଟ ୧୨୦୦.୦୦ | **ମୋଟ** | - | **ଟ ୩୪୦୦.୦୦** |
| ଘାସବଛା | - | ଟ ୬୦୦.୦୦ | | | |
| ଅନ୍ୟାନ୍ୟ ଖର୍ଚ୍ଚ | - | ଟ ୫୦୦.୦୦ | | | |
| **ମୋଟ** | - | **ଟ୫୭୦୦.୦୦** | | | |

ପ୍ରଥମ ଓ ଦ୍ୱିତୀୟ ବର୍ଷର ମୋଟ ଖର୍ଚ୍ଚ ମିଶି ଟ ୯୧୦୦/- ହୋଇଥାଏ ।

**ଆୟ**

ଏକର ପିଛା ହାରାହାରି ଶୁଖିଲା ମଞ୍ଜିର ଉତ୍ପାଦନ : ୬ କ୍ୱି ।ଲରୁ ୮କ୍ୱି ।ଲ ପର୍ଯ୍ୟନ୍ତ ହୋଇଥାଏ ।

କିଲୋଗ୍ରାମ୍ ପିଛା ୪୦ରୁ ୫୦ଟଙ୍କା ଦରରେ ବିକ୍ରି ହେଲେ ୬ କ୍ୱି ।ଲ୍ ମଞ୍ଜିରୁ ହାରାହାରୀ ଟ ୨୪୦୦୦/- ମିଳିଥାଏ । ସମସ୍ତ ଖର୍ଚ୍ଚ ଯାଇ ଦୁଇବର୍ଷରେ ଟ୧୪୯୦୦/- ଲାଭ ହୋଇଥାଏ ।

ଯଦିଓ ବାଇବଡ଼ଙ୍ଗର ସଘନ ଚାଷ ଏଯାବତ୍ ଭାରତ ବର୍ଷରେ ହୋଇନାହିଁ, କିନ୍ତୁ ଉପରୋକ୍ତ ହିସାବକୁ ଦେଖିଲେ ଏହା ଏକ ଲାଭଦାୟକ ଚାଷ ବୋଲି ଜଣାଯାଏ । ଔଷଧୀୟ ଗୁଣ ଯୋଗୁଁ ଏହାର ବଜାର ଏବଂ ବଜାର ଦରରେ କ୍ରମାଗତ ବୃଦ୍ଧି ପରିଲକ୍ଷିତ ହେଉଛି । ବିଶେଷ କରି କୀଟନାଶକ ଭାବେ ଏହାର ଉପଯୋଗ ହେଲେ ଏହାର ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି ହେବାର ଉଜ୍ଜ୍ୱଳ ସମ୍ଭାବନା ରହିଛି ।

◈